## ୪ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

# ସୁବର୍ଣ୍ଣରେଖା ଉପରେ ନିର୍ମାଣ ହେବ ବୃହତ୍ ସେତୁ

- ଜିଏସ୍‌ଟି ଆଇନରେ ସଂଶୋଧନ ପାଇଁ ୨ଟି ଅଧ୍ୟାଦେଶକୁ ଅନୁମୋଦନ
- ବିନା ଇନଭଏସରେ ଜିଏସ୍‌ଟି ଦେଲେ ଜାମିନବିହୀନ ଅପରାଧ
- ଓଡ଼ିଶା ସ୍ଥାନୀୟ ପାଣି ସମୀକ୍ଷା ଅଧିନିୟମ, ୧୯୪୮ର ସଂଶୋଧନକୁ ମଞ୍ଜୁରୀ



**ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:**

ବାଲେଶ୍ୱର ଜିଲ୍ଲା ଜାତୀୟ ରାଜପଥ-୧୬ର ହଳଦୀପଡ଼ାଠାରୁ ଭାୟା ବାଲିଆପାଳ, ପନ୍ତେଇ ଓ ଜଳେଶ୍ୱର ଦେଇ ପଶ୍ଚିମବଙ୍ଗ ସୀମାରେ ୩୬ କିମି ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ସେତୁ ନିର୍ମାଣ ହେବ। ଏହି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ସେହିପରି ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଆଇନରେ ସଂଶୋଧନ ପାଇଁ ୨ଟି ଅଧ୍ୟାଦେଶକୁ ଅନୁମୋଦନ ସମେତ ଓଡ଼ିଶା ସ୍ଥାନୀୟ ପାଣି ସମୀକ୍ଷା ଅଧିନିୟମ, ୧୯୪୮ର ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି ଯେ କ୍ୟାବିନେଟ୍‌ରେ ଆଜି ମୋଟ୍ ୫ଟି ଏଜେଣ୍ଡା ଆଲୋଚନା ହେବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କ୍ୟାବିନେଟ୍ ବୈଠକରେ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ସ୍ଥଗିତ ରଖାଯାଇଥିଲା ଓ ଅନ୍ୟ ୪ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଷୋଡ଼ଶ ବିଧାନସଭାର ଚତୁର୍ଥ ଅଧିବେଶନ ଆହୂତକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଅନୁମତି ଦେଇଥିଲେ, ଯାହାକୁ କ୍ୟାବିନେଟ୍ ଆଜି ପିଛିଲା ଭାବେ ଏହାକୁ ଅନୁମୋଦନ କଲେ। ଏହାସହିତ ଅର୍ଥ ବିଭାଗର ୨ଟି ପ୍ରସ୍ତାବ ଓ ପୂର୍ତ୍ତ ବିଭାଗର ଗୋଟିଏ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଜିଏସ୍‌ଟି ଅଧିନିୟମ ସଂଶୋଧନ ସମ୍ପର୍କରେ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା କହିଛନ୍ତି, ଜିଏସ୍‌ଟି କାଉନ୍‌ସିଲ୍‌ର ସୁପାରିସ୍ ଆଧାରରେ ରାଜ୍ୟ ସରକାର ଓଡ଼ିଶା ଜିଏସଟି ଅଧିନିୟମ-୨୦୧୭ର କେତେକ ଧାରାରେ ସଂଶୋଧନ କରିଛନ୍ତି। ଏନେଇ ଆଜି କ୍ୟାବିନେଟ ଓଡ଼ିଶା ଜିଏସ୍‌ଟି(ସଂଶୋଧନ) ଅଧ୍ୟାଦେଶ-୨୦୨୦ ଓ ଓଡ଼ିଶା ଜିଏସ୍‌ଟି(ଦ୍ୱିତୀୟ ସଂଶୋଧନ) ଅଧ୍ୟାଦେଶ ଜାରିକୁ ଅନୁମୋଦନ କରିଛନ୍ତି। ଓଡ଼ିଶା ଜିଏସ୍‌ଟି ଅଧିନିୟମ-୨୦୧୭ର ଧାରା ୧୭୨,୧୬୮ ଓ ୧୪୦କୁ ସଂଶୋଧନ କରାଯାଇଛି। ଏହି ଅଧ୍ୟାଦେଶ ଲାଗୁ ହେବାପରେ ପଞ୍ଜିକୃତ ଟିକସ ଦାତାମାନେ ଉପକୃତ ହେବେ ଓ ଟ୍ୟାକ୍ସ ପ୍ରଶାସକମାନେ ଜିଏସ୍‌ଟି କାର୍ଯ୍ୟକୁ ସୁଚାରୁରୂପେ ତୁଲାଇପାରିବେ। ଏହି ଅଧ୍ୟାଦେଶ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜିଏସ୍‌ଟି ଅଧିନିୟମ ଆରମ୍ଭ ହେବାର ୫ ବର୍ଷ ଅବଧି ଶେଷ ହେବା ପର୍ଯ୍ୟନ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ଉପୁଜିଲେ ତାକୁ ଦୂର କରିବା ପାଇଁ ସରକାର ଗେଜେଟ୍‌ରେ ସ୍ୱତନ୍ତ୍ର ଅର୍ଡର ଜାରି କରି ଅସଙ୍ଗତିକୁ ଦୂର କରିବା ନିମନ୍ତେ ଆଦେଶ ଦେଇପାରିବେ। ସେହିପରି କୌଣସି ବ୍ୟକ୍ତି ବିନା ଇନଭଏସରେ ଜିଏସ୍‌ଟି ଦେଉଥିବେ ଓ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଗ୍ରହଣ ବା ବିନିଯୋଗ କରୁଥିବେ ତା'ହେଲେ ସେ ଯେଉଁ ପରିମାଣର ଟିକସ ଠକିଥିବେ ତାଙ୍କୁ ସେହି ପରିମାଣର ଜୋରିମାନା ଅର୍ଥ ଦେବାକୁ ପଡ଼ିବ। ଏହାକୁ ମଧ୍ୟ ଜାମିନବିହୀନ ▶▶ ୭

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com